# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁଖ୍ରୀଷ୍ଟଙ୍କ ଜନ୍ମ



ଲେଖକ: Edward Hughes
ଦୃଷ୍ଟାନ୍ତ: M. Maillot
ଉପଯୋଜକ: E. Frischbutter; Sarah S.
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2013 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ବହୁତ ପୂର୍ବେ, ସଦାପ୍ରଭୁ ପରମେଶ୍ୱର ଗାବ୍ରିଏଲ ଦୂତଙ୍କୁ ଏକ ସୁନ୍ଦରୀ, ଅବିବାହିତା ଯୀହୁଦୀ ଯୁବତୀ ମରିୟମଙ୍କ ନିକଟକୁ ପଠାଇଲେ । ଦୂତ ତାହାଙ୍କୁ କହିଲେ, ତୁମ୍ଭେ ଗର୍ଭଧାରଣ କରି ଏକ ପୁତ୍ର ପ୍ରସବ କରିବ ଓ ତାଙ୍କର ନାମ ଯୀଶୁ ଦେବ । ସେ ମହାନ ହେବେ ଓ ପରାତ୍ପରଙ୍କ ପୁତ୍ର ବୋଲି ଖ୍ୟାତ ହେବେ । ସେ ଯୁଗେ ଯୁଗେ ରାଜତ୍ୱ କରିବେ ।



କିନ୍ତୁ ମରିୟମ ଦୂତଙ୍କୁ ପଚାରିଲେ,
ଏହା କି ହେବ? ମୁଁ ତ ପୁରୁଷଙ୍କୁ
ଜାଣେନାହିଁ । ଦୂତ ମରିୟମଙ୍କୁ ଉତ୍ତର
ଦେଲେ ସେହି ପୁତ୍ର ଇଶ୍ବରଙ୍କଠାରୁ
ଗ୍ରହଣ କରିବ । ସେଥିରେ
କେହି ଜାଗତିକ ମନୁଷ୍ୟ
ତାହାର ପିତା ହେବା
ଆବଶ୍ୟକତା
ନାହିଁ ।



ଦୂତ ମରିୟମଙ୍କୁ କହିଲେ
ପୁଣି ଦେଖ, ତୁମ୍ଭର ଆତ୍ମିୟ
ଏଲିଜାବେଥ୍ ମଧ୍ୟ ବୃଦ୍ଧାବସ୍ଥାରେ
ପୁତ୍ର ଧାରଣ କରିଛନ୍ତି । ଏହା
ମଧ୍ୟ ଏକ ଆଲୌକିକ
ବିଷୟ ଥିଲା । ମରିୟମ
ଏଲିଜାବେଥ ନିକଟକୁ
ପ୍ରସ୍ଥାନ କଲେ । ପୁଣି
ସେମାନେ ଦୁହେଁ
ପ୍ରଭୁଙ୍କର ପ୍ରଶଂସା
କଲେ ।



ଯୋଶେଫ ନାମକ ପୁରୁଷଙ୍କ
ମରିୟମଙ୍କର ବିବାହ ନିର୍ବନ୍ଧ
ହୋଇଥିଲା । ଯେତେବେଳେ
ଯୋଶେଫ ଜାଣିଲେ ଯେ
ମରିୟମ ଗର୍ଭାବସ୍ଥାରେ
ଅଟନ୍ତି, ତହିଁରେ ସେ
ଦୁଃଖିତ ମନେ
କଲେ । ଅନ୍ୟ
ଏକ ପୁରୁଷ ସେହି
ସନ୍ତାନର ପିତା
ହୋଇପାରନ୍ତି ବୋଲି
ସେ ମନେକଲେ ।



ପ୍ରଭୁଙ୍କର ଜଣେ ଦୂତ ଯୋଶେଫଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ । ସେହି ସନ୍ତାନ ଈଶ୍ୱରଙ୍କଠାରୁ ଆସିଅଛି । ଯୀଶୁଙ୍କର ସେବା କରିବା ନିମନ୍ତେ ମରିୟମଙ୍କୁ ସାହାଯ୍ୟ କରିବାକୁ ଦୂତ ଯୋଶେଫଙ୍କୁ କହିଲେ ।



ଯୋସେଫ ପ୍ରଭୁଙ୍କଠାରେ ନିର୍ଭର କରି, ପ୍ରଭୁଙ୍କ ଆଜ୍ଞା ପାଳନ କଲେ ।

ଆଉ ସେ ମଧ୍ୟ ନିଜ ଦେଶର ନିୟମକୁ ପାଳନ କଲେ ।

କାରଣ ଏକ ନୂତନ ନିୟମ ଶକାସୁ
ସେମାନଙ୍କର କର ଦେବା
ନିମନ୍ତେ ଯୋଶେଫ
ଏବଂ ମରିୟମ,



ଯୋଶେଫଙ୍କର ନିଜ ନଗର ବେଥଲିହିମକୁ ଗମନ କଲେ ।

ସେହି ସମୟରେ ମରିୟମଙ୍କର
ପ୍ରସବ କାଳ ଉପସ୍ଥିତ ହେଲା ।
କିନ୍ତୁ ଯୋସେଫ ରହିବା
ନିମନ୍ତେ କୌଣସି ଏକ ବସାଘର
ପାଇଲେ ନାହିଁ । କାରଣ
ପ୍ରତ୍ୟେକ ପାନ୍ଥଶାଳା
ପରିପୂର୍ଣ୍ଣ ଥିଲା ।



ସର୍ବଶେଷରେ ଯୋଶେଫ ରହିବାକୁ ଯୋଗ୍ୟ ଏକ ଘର ଖୋଜି ପାରିଲେ । ସେଥିରେ ଶିଶୁ ଯୀଶୁଖ୍ରୀଷ୍ଟ ଜନ୍ମ ଗ୍ରହଣ କଲେ । ପୁଣି ତାଙ୍କର ମାତା ମରିୟମ ଯୀଶୁଙ୍କୁ ଏକ ଗୁହାଳ କୁଣ୍ଡରେ ଶୁଆଇଲେ, ଯେଉଁଥିରେ ପଶୁମାନଙ୍କୁ ଖାଦ୍ୟ ଦିଆଯାଉଥିଲା ।



ସେହି ଅଞ୍ଚଳରେ କେତେକ ମେଷପାଳକ ପଦାରେ ରହି
ରାତ୍ରିରେ ସେମାନଙ୍କ ପଲ ଜଗୁଥିଲେ । ପ୍ରଭୁଙ୍କର
ଜଣେ ଦୁତ ସେମାନଙ୍କ ନିକଟରେ ଉପସ୍ଥିତ
ହେଲେ, ଏବଂ
ଅତ୍ୟନ୍ତ
ଆନନ୍ଦ ଜନକ
ସୁସମାଚାର
ଜଣାଇଲେ ।



ଆଜି ଦାଉଦଙ୍କ ନଗରରେ ତୁମ୍ଭମାନଙ୍କ ନିମନ୍ତେ
ତ୍ରାଣକର୍ତ୍ତା ଜନ୍ମଗ୍ରହଣ କରିଛନ୍ତି । ସେ ଖ୍ରୀଷ୍ଟ ପ୍ରଭୁ
ତୁମ୍ଭେମାନେ ଜଣେ ଶିଶୁକୁ ଲୁଗାରେ ଗୁଡ଼ାହୋଇ
ଗୁହାଳ
କୁଣ୍ଡରେ
ଶୋଇଥିବା
ଦେଖିବ ।



ପୁଣି ଅକସ୍ମାତ ସେହି ଦୂତଙ୍କ ସାଙ୍ଗରେ ସ୍ୱର୍ଗୀୟ ବାହିନୀର ଗୋଟିଏ ବୃହତ୍ ଦଳ ଉପସ୍ଥିତ ହୋଇ ଈଶ୍ୱରଙ୍କ ସ୍ତବଗାନ କରୁ କରୁ କହିଲେ । ଊର୍ଦ୍ଧ୍ୱ ଲୋକରେ ଈଶ୍ୱରଙ୍କ ମହିମା, ପୁଣି ପୃଥିବୀରେ



ତାହାଙ୍କ ସନ୍ତୋଷପାତ୍ର ମନୁଷ୍ୟ ମାନଙ୍କ ମଧ୍ୟରେ ଶାନ୍ତି ।

ମେଷ ପଳକ ମାନେ ଶିଘ୍ର ସେହି ଗୃହକୁ ପ୍ରସ୍ଥାନ କଲେ । ଶିଶୁଙ୍କୁ ଅନ୍ୱେଷଣ କରି, ସେମାନେ ସେହି ଶିଶୁଙ୍କ ସମ୍ବନ୍ଧରେ ଦୂତ ସେମାନଙ୍କୁ ଯେଉଁ କଥା କହିଥିଲେ ତାହା ପ୍ରକାଶ କଲେ ।





ଚାଲିଶ ଦିନ ପରେ ଯୋଶେଫ ଏବଂ
ମରିୟମ ଯୀଶୁଖ୍ରୀଷ୍ଟଙ୍କୁ ଯିରୁଶାଲମ ମନ୍ଦିରକୁ
ଘେନିଗଲେ । ଦେଖ ସେଠାରେ
ଶିମିୟନ ନାମକ ଜଣେ ବ୍ୟକ୍ତି
ଶିଶୁଙ୍କ ନିମନ୍ତେ ପ୍ରଭୁଙ୍କକର
ପ୍ରଶଂସା କଲେ, ପୁଣି ଅନ୍ୟ
ଏକ ଇଶ୍ୱରଙ୍କ
ଦାସ ଆନା
ପ୍ରଭୁଙ୍କୁ
ଧନ୍ୟବାଦ
ଦେଲେ ।





ଉଭୟେ ଜାଣିଥିଲେ ଯେ ଯୀଶୁଖ୍ରୀଷ୍ଟ
ଈଶ୍ୱରଙ୍କ ପୁତ୍ର ଓ ପରିତ୍ରାଣକର୍ତ୍ତା ।
ଯୋଶେଫ ଦୁଇଟି କାପ୍ତାଛୁଆ
ବଲିଦାନ କଲେ । ଈଶ୍ୱରଙ୍କ
ଉଲ୍ଲେଖିତ ବ୍ୟବସ୍ଥା ଅନୁସାରେ
ସେମାନଙ୍କର ପ୍ରଥମ ଜାତ
ଶିଶୁଙ୍କୁ ସମର୍ପଣ
କରିବା ଗରିବ
ଲୋକମାନଙ୍କ
ନିମନ୍ତେ
ଏହା କରିବା
ଆବଶ୍ୟକ
ଥିଲା ।



କିଛି ସମୟ  ପରେ,
ଏକ ପୁର୍ବ ଦେଶରୁ
ଯିରୁଶାଲମକୁ ଗୋଟିଏ
ସ୍ୱତନ୍ତ୍ର ତାରା
ପଣ୍ଡିତ ମାନଙ୍କୁ
ପରିଚାଳନା
କଲା ।



ସେମାନେ ପଚାରିଲେ, ଯୀହୁଦି ମାନଙ୍କର
ରାଜା କେଉଁଠାରେ ଜନ୍ମଗ୍ରହଣ କରିଛନ୍ତି
କାରଣ ଆମ୍ଭେ ତାହାଙ୍କୁ ଭୁମିଷ୍ଟ ପ୍ରଣାମ
କରିବାକୁ ଚାହୁଁଛୁ ।

ପୁଣି ହେରୋଦ ରାଜା
ପଣ୍ଡିତମାନଙ୍କ ଠାରୁ ଶୁଣି
ଭୟକଲେ, ସେ ପଣ୍ଡିତମାନଙ୍କୁ
ତୁମ୍ଭେମାନେ ଯାଇ ସେହି ଶିଶୁଙ୍କୁ
ପାଇଲା କ୍ଷଣି ଆମ୍ଭକୁ ସମ୍ବାଦ ଦିଅ
ଯେପରି ଆମ୍ଭେ ମଧ୍ୟ ଯାଇ
ତାହାଙ୍କୁ ପ୍ରଣାମ କରିବା । ମାତ୍ର
ଯୀଶୁଙ୍କୁ ବଧ କରିବାକୁ ହେରୋଦ
ଗୁପ୍ତରେ ସଂକଳ୍ପ କଲେ ।



ଯେଉଁ ଗୃହରେ ଯୋଶେଫ
ଓ ମରିୟମ ଏବଂ ପୁତ୍ର ଶିଶୁ ଯୀଶୁ
ବାସ କରୁଥିଲେ, ତାରା ପଣ୍ଡିତମାନଙ୍କୁ
ସଠିକ ସେହି ଗୃହକୁ ଘେନିଗଲା ।
ସେମାନେ ତାହାଙ୍କୁ ଭୂମିଷ୍ଠ ପ୍ରଣାମ
କଲେ ଓ ବହୁମୂଲ୍ୟ ଉପହାର ସୁନା,
କୁନ୍ଦୁରୁ ଏବଂ ଗନ୍ଧରସ
ପ୍ରଦାନ କଲେ ।



ସଦାପ୍ରଭୁ ପଣ୍ଡିତ ମାନଙ୍କୁ ହେରୋଦଙ୍କ ନିକଟକୁ ବାହୁଡ଼ି ନ ଯାଇ ଅଲଗା ରାସ୍ତାରେ ନିଜ ଦେଶକୁ ଫେରିଯିବାକୁ ଚେତାବନି ଦେଲେ । ହେରୋଦ ରାଜା କ୍ରୋଧାନ୍ଧ ହେଲେ । କାରଣ ଯୀଶୁଙ୍କୁ ବଧ କରିବାର ମନରେ ସଙ୍କଳ୍ପ କରିଥିଲେ ।

ସେ ବେଥଲିହିମରେ ଥିବା



ପ୍ରତ୍ୟେକ ଶିଶୁଙ୍କୁ ବଧ କଲେ ।



ହେରୋଦ ଈଶ୍ୱରଙ୍କ ପୁତ୍ରଙ୍କୁ
ବଧ କରି ପାରିଲେ ନାହିଁ ।
କାରଣ ସ୍ୱପ୍ନରେ ପ୍ରତ୍ୟାଦେଶ
ଯାଇ ଯୋଶେଫ ମରିୟମ
ଓ ଯୀଶୁଙ୍କୁ ନିରାପତ୍ତା ମିଶର
ଦେଶକୁ ନେଇଗଲେ ।



ହେରୋଦଙ୍କୁ ମୃତ୍ୟୁ

ଯୋଶେଫ, ମରିୟମ ଓ ଯୀଶୁଙ୍କୁ ମିଶର
ଦେଶରୁ ଫେରାଇ ଆଣିଲେ । ଏବଂ ସେମାନେ
ଗାଲିଲୀ ଅଞ୍ଚଳର ନାଜରିତ ନାମକ ନଗରରେ ବାସ କଲେ ।

ଯୀଶୁଖ୍ରୀଷ୍ଟଙ୍କ ଜନ୍ମ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୧-୨, ଲୁକ ୧-୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସ୍ୱର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଈଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଈଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬